# ଆଧୁନିକ ମଣିଷର ଆଧ୍ୟାତ୍ମିକ ଉତ୍ତରଣ ‘ଅକ୍ରୂର ଉବାଚ’

(ଭାରତୀୟ ସଂସ୍କୃତି ପରିପ୍ରେକ୍ଷୀରେ ଭାରତୀୟ ମିଥ୍‌କୁ ଆଧାର କରି )


ଉପସ୍ଥାପିକା

ଡକ୍ଟର ସୁଜ୍ଞାନୀ କୁମାରୀ ସାହୁ

ଅଧ୍ୟାପିକା, ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ,କଟକ ।

# ଆଧୁନିକ ମଣିଷର ଅବବୋଧ
# ଓ
# ଭାରତୀୟ ସଂସ୍କୃତି

## ଆଧୁନିକ ମଣିଷ

"Man in the guilty stream of modernity is nothing, but mere a scrap of polythene neither dissolve nor make flow, his life is decay only."

## ଭାରତୀୟ ସଂସ୍କୃତି

ଭାରତୀୟ ସଂସ୍କୃତିର ମୂଳଭିତ୍ତି ହେଉଛି 'ଆଧ୍ୟାତ୍ମିକତା' ଆଉ ଏହି ଆଧ୍ୟାତ୍ମିକତା ଭିତରେ ଏକ ସାମୁହିକ ଚେତନା ବିଦ୍ୟମାନ ।

# ଆଧୁନିକ ମଣିଷ ଓ ଭାରତୀୟ ସଂସ୍କୃତି

ଆଧୁନିକ ମଣିଷ ଅସହାୟ ଯନ୍ତ୍ରଣାରୁ ମୁକ୍ତି ନିମନ୍ତେ ଶେଷରେ ପରମ ସତ୍ତା ନିକଟରେ ସମର୍ପିତ । ଯେତେବେଳେ ମୁକ୍ତି ନିମନ୍ତେ ସବୁ ମାର୍ଗ ବନ୍ଦ ହୋଇଯାଇଛି ସେତେବେଳେ ସେ ଆଧ୍ୟାତ୍ମିକତାର ମାର୍ଗକୁ ହିଁ ଚୟନ କରିଛି । ସେ ଫେରିଛି ତା'ର ସାଂସ୍କୃତିକ ପ୍ରେକ୍ଷାପଟ୍ଟକୁ, ତା'ର ଅତୀତକୁ, ପୁରାଣର ପବିତ୍ର କାହାଣୀ ପାଖକୁ ,ସତ୍ୟ ଇତିହାସ ପାଖକୁ ଯେଉଁମାନଙ୍କ କଥା ଶୁଣି ଶୁଣି ସେ ବଡ଼ ହୋଇଛି । ତେଣୁ ଯେତେବେଳେ ସେ ନିଃସ୍ୱ , ଅସହାୟ ,ଭିଡ଼ ଭିତରେ ଏକା ସେତେବେଳେ ଭାରତୀୟ ସଂସ୍କୃତିର ମିଥ୍‌କାଲ(ପୌରାଣିକ /ଐତିହାସିକ) ଚରିତ୍ରମାନଙ୍କ ପରି ମୁକ୍ତି ନିମନ୍ତେ ହୋଇଛି ଆଧ୍ୟାତ୍ମିକ ମାର୍ଗର ଅନୁଗାମୀ । ଆଧୁନିକ ସଭ୍ୟତାର ଅନ୍ତଃସାରଶୂନ୍ୟତା ହିଁ ଏ ମିଥ୍ ଚେତନା ଅଭାବର କାରଣ ।

# ମିଥ୍ ପ୍ରସଙ୍ଗ ଓ କବି ଗୁରୁପ୍ରସାଦ

## ମିଥ୍ କ'ଣ ?

ପ୍ରାଚୀନ ଗ୍ରୀକ୍ 'mythos' ଶବ୍ଦଟିର ଅର୍ଥ ହେଲା 'ଗଳ୍ପ' ଓ 'logous'ର ଅର୍ଥ ହେଲା 'କହିବା' କିନ୍ତୁ ଯେ କୌଣସି ଗଳ୍ପ କହିବାକୁ ମିଥ୍‌ର ପରିସରଭୁକ୍ତ କରିହେବ ନାହିଁ । ଅର୍ଥାତ୍ ମିଥ୍ ଗଳ୍ପଟିର ମୌଳିକ ଅର୍ଥ ମାନବ ଭାଗ୍ୟ ବା ମାନବ ସଂସ୍କୃତି ସହ ଏକାତ୍ମୀଭୂତ, ଅନାଦିକାଳ ଧରି ଜଡ଼ିତ କୌଣସି ନା କୌଣସି ଭାବରେ ଅଲୌକିକତା ନିର୍ଭର କାହାଣୀ । ସ୍ଥୂଳତଃ ମିଥ୍‌ରେ ସାଙ୍କେତିକ , ଦୈବ ବା ଅଲୌକିକତା ନିର୍ଭର ଘଟଣା ବା ଆଖ୍ୟାନ ସ୍ଥାନ ପାଇବା ଏକାନ୍ତ ଆବଶ୍ୟକ । କେହି କେହି ଏହାକୁ ପୁରାଣ,ପୁରାବୃତ୍ତ,ପୁରାଣ ପ୍ରସଙ୍ଗ,ପୁରାଣାନୁପ୍ରସଙ୍ଗ ପରି ଶବ୍ଦକୁ ମିଥ୍‌ର ପ୍ରତିବାଚୀ ଶବ୍ଦ ଭାବେ ଗ୍ରହଣ କରିଛନ୍ତି । କିନ୍ତୁ ଏସମସ୍ତ କେହି ମିଥ୍‌ର ଅର୍ଥବାଚୀ ନୁହଁନ୍ତି । କାରଣ ମିଥ୍ ବିବର୍ତ୍ତନାତ୍ମକ ଭାବେ ଅର୍ଥବାହୀ ହୋଇ କେତେବେଳେ ପୁରାଣ ,କେତେବେଳେ ପୁରାଣର ନବଜନ୍ମ,ପୁରାଣର ପୁନର୍ଗଠନ ପରି ବହୁବିମ୍ବୀୟ ସ୍ୱରୂପ ଉଦ୍‌ଘାଟିତ ହେବାରେ ବିଶେଷତଃ ଆଧୁନିକ ଓଡ଼ିଆ କବିତା ସମର୍ଥ ହୋଇପାରିଛି । ତେଣୁ ମିଥ୍‌ର ନିକଟତମ ଶବ୍ଦଭାବରେ ପୁରାଣ ବା ପୁରାଖ୍ୟାନ ଶବ୍ଦକୁ ଗ୍ରହଣ କରାଯାଇଛି । ତେବେ ଏଠି ଯେଉଁ ପ୍ରଶ୍ନ ଉଠେ ମିଥ୍ କ'ଣ? ଅନ୍ତତଃ ଏଇ ସିଦ୍ଧାନ୍ତରେ ମୁଁ ଉପନୀତ ଯେ ପୁରାଣର କଥାବସ୍ତୁକୁ ସଂଗ୍ରହ କରି ପ୍ରସଙ୍ଗଭିତ୍ତିକ କରି ସାଂପ୍ରତିକ ସମୟର କଥାବସ୍ତୁ ସହ ସଂଶ୍ଳିଷ୍ଟ କରିବା ହିଁ ମିଥ୍ । ଯାହା ଭିତରେ ଏକ ସାର୍ବକାଳିକ ସତ୍ୟ ଏକ ପବିତ୍ର କାହାଣୀ ବିଦ୍ୟମାନ ।

# କବି ଗୁରୁପ୍ରସାଦ

ଗୁରୁପ୍ରସାଦ ମହାନ୍ତି (୧୯୨୪) ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ଅନ୍ୟତମ ଯଶସ୍ୱୀ କବି । ସେ ନୂଆ ଶୈଳୀର ଉଦ୍ଭାବକ । ସ୍ୱାଧୀନତାର ପ୍ରାକ୍ କାଳର ଓଡ଼ିଆ କବିତାର ଶୈଳୀ ଯାହା ସଚ୍ଚି ରାଉତରାୟଙ୍କ ଦ୍ୱାରା ସମୃଦ୍ଧ ଥିଲା ସେଥିରେ ବ୍ୟତିକ୍ରମ ଆଣି ପାଶ୍ଚାତ୍ୟ କାବ୍ୟାନୁଶାସନ ସହ ପରିଚିତ କରାଇବାର ପ୍ରଥମ ଅଗ୍ରଣୀ ଭୂମିକା ନେଇଛନ୍ତି ସ୍ୱର୍ଗତ ମହାନ୍ତି । ୧୯୫୫ରେ ପ୍ରକାଶ ପାଏ କବି ଗୁରୁପ୍ରସାଦ ମହାନ୍ତି ଓ ଭାନୁଜୀ ରାଓ କବିତାର ଏକ ମିଳିତ ସଂକଳନ 'ନୂତନ କବିତା'। ମାତ୍ର ଗୁରୁପ୍ରସାଦଙ୍କ ମିଥ୍‌ବୋଧଟି ଭାରତୀୟ । ଅନୁସରଣରେ ଯଦିଓ ପାଶ୍ଚାତ୍ୟ ପ୍ରସଙ୍ଗ ଓ ଢଙ୍ଗ ରହିଛି ।ଗୁରୁପ୍ରସାଦଙ୍କ କାବ୍ୟନାୟକର ପାପବୋଧ, ଅମଙ୍ଗଳ ମଙ୍ଗଳ ଭାବନା , ସ୍ଥିତିଗତ କ୍ଲୀବତା ଓ  ଉଦ୍‌ବିଗ୍ନତା ସର୍ବୋପରି ଆଧ୍ୟାତ୍ମିକ ଆସ୍ପୃହାର ପରିପ୍ରକାଶ ପାଇଁ 'ଭାଗବତ' ବଳିଷ୍ଠ ଆଧାର । ତାଙ୍କର ଅକ୍ରୁର, ଉଦ୍ଧବ ଉଚ୍ଚାରଣ, ଅବଧୂତଙ୍କ ଅଜଗର ପ୍ରସଙ୍ଗ, ତକ୍ଷକ ପରୀକ୍ଷିତ ପ୍ରସଙ୍ଗ, କୁମ୍ଭୀପାକ ନର୍କ, ଏକପାଦ ବୃଷଭ କଥା, ଏକ ଦେହେ ପୁରୁଷ ଓ ନାରୀ ଭାବେ ଜନ୍ମ ପ୍ରସଙ୍ଗ ପ୍ରଭୃତି ଭାରତୀୟ ମିଥ୍‌ର ଆଧାର ତାଙ୍କ ବକ୍ତବ୍ୟକୁ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ କାବ୍ୟ ନାୟକକୁ ଏକ ସାଂସ୍କୃତିକ ପରିପ୍ରେକ୍ଷୀ ପ୍ରଦାନ କରିଛି ।

# ଆଧୁନିକ ଓଡ଼ିଆ କବିତାରେ ମିଥ୍‌ର ପ୍ରୟୋଗ

ଆଧୁନିକ କବି ଓ ସାହିତ୍ୟିକ  ନିଜସ୍ୱ କାଳର କାହାଣୀକୁ ଏକ ଦେଶ କାଳାତୀତ ବିଶ୍ୱଜନୀନ ଆବେଦନରେ ସମୃଦ୍ଧ କରି ଗଢି ତୋଳିବାକୁ ଚାହେଁ ଆପଣାର ସମକାଳୀନ ନରନାରୀଙ୍କର 'ସୁପ୍ରତ୍ୟକ୍ଷ' ଜୀବନକୁ 'ଏକ ସୁବିଶାଳ' ମିଥ୍‌କାଳ ଓ ପୌରାଣିକ 'ରଂଗଭୂମି' ମଧ୍ୟରେ ସ୍ଥାପନ କରିବାକୁ ଚାହେଁ – ସ୍ୱରଚିତ କାହାଣୀକୁ ଆଶ୍ରୟ କରି ଯେଉଁ କାର୍ଯ୍ୟ ତା' ପକ୍ଷରେ କୌଣସି ମତେ ସମ୍ଭବ ହୋଇପାରି ନଥାନ୍ତା, ତାହା ମିଥ୍ ଦ୍ୱାରା ସମ୍ଭବ ହୋଇପାରୁଛି । *( ଡକ୍ଟର ଗିରୀଶ ମିଶ୍ର/ଆଧୁନିକ ଓଡ଼ିଆ କବିତା ଓ ମିଥ୍ ପ୍ରସଙ୍ଗ)

ଉଦାହରଣ: ନଈ ଆଉ ମାଛ ହଂସ ସାରସ/ଶରତ ଚନ୍ଦ୍ର ପ୍ରଧାନ

# ଗୁରୁପ୍ରସାଦଙ୍କ ମିଥ୍ ପ୍ରୟୋଗ ଓ ଆଧ୍ୟାତ୍ମିକତା

ଗୁରୁପ୍ରସାଦଙ୍କ ମିଥ୍ ଭାବବୋଧଟି ଭାରତୀୟ । ଉଦାହରଣ ସ୍ୱରୂପ: ‘ଇଳା’ ‘ଅରୁନ୍ଧତୀ’,‘କୁମ୍ଭୀପାକନର୍କ’,‘ପରୀକ୍ଷିତ’,‘କାଳପୁରୁଷ’, ‘ଉଦ୍ଧବ’, ‘ଅକ୍ରୂର’ ଆଦି । ଅନୁସରଣରେ ଯଦିଓ ପାଶ୍ଚାତ୍ୟ ପ୍ରସଙ୍ଗ ଓ ଢଙ୍ଗ ରହିଛି ।

କବି 'କାଳପୁରୁଷ' ଓ 'ଅକ୍ରୂର ଉବାଚ'ରେ ଅକ୍ରୂର ଓ ଉଦ୍ଧବଙ୍କ ଉଚ୍ଚାରଣ ଭିତରେ ମୁକ୍ତିକାମୀ ଓ ଜୀବନକାମୀ ଆତ୍ମାର ସ୍ୱର୍ଶକାତରତା ଅତି କଳାସଂଗତ କରିପାରିଛନ୍ତି । ଗୁରୁପ୍ରସାଦଙ୍କ କବିତାରେ ଆଧ୍ୟାତ୍ମିକ ଓ ମୁକ୍ତିକାମୀ  ମଣିଷର ଜୀବନ ଜିଜ୍ଞାସା ମିଶିକରି ରହିଛି ।  'କାଳପୁରୁଷ' ଓ 'ଅକ୍ରୂର ଉବାଚ' କବିତା ଦ୍ୱୟ ଦେହର ବଳୟ ଓ ଯୁଗର କ୍ଳାନ୍ତି ଓ ଗ୍ଳାନିରୁ ମୁକ୍ତି – ବ୍ୟାକୁଳତାର ସ୍ୱର ବହନ କରିଛି ।ଅକ୍ରୂର ଓ ଉଦ୍ଧବଙ୍କୁ ମୁକ୍ତି – ସନ୍ଧାନର ପ୍ରତୀକ ଭାବେ ଉଲ୍ଲେଖ କରାଯାଇଛି । ବସ୍ତୁତଃ ଏହି ମର୍ମରେ; ସମଗ୍ର କାଳପୁରୁଷର କାବ୍ୟସ୍ୱର ଏକ ଅତୃପ୍ତ ଓ ନିଃସଙ୍ଗ ବେଦନାବୋଧର ସ୍ଥିର ଓ ନିଶ୍ଚଳ ; ତେଣୁ ଏଠାରେ ମୁକ୍ତି ପିପାସାର ସ୍ୱର ମଧ୍ୟ ଏହି ବିଷର୍ଣ୍ଣବୋଧରେ ଜର୍ଜରିତ , ସହରୀ ସଭ୍ୟତାର ତୀବ୍ର ଅନ୍ତଃସାରଶୂନ୍ୟତା, ସାଂପ୍ରତିକ ଜୀବନର ଗ୍ଳାନି ଜର୍ଜରିତ କାରୁଣ୍ୟ, ବ୍ୟକ୍ତି ବିଶେଷର ଅସହାୟ ସ୍ଥିତି ଓ ଏକାନ୍ତ ନିଃସଙ୍ଗତା ଏବଂ ସର୍ବୋପରି ଯୁଦ୍ଧ ପରବର୍ତ୍ତୀ ସମୟର ନିଃଶବ୍ଦ ବେଦନା ଭିତରେ 'କାଳପୁରୁଷ' କୌଣସି ଉଲ୍ଲେଖଯୋଗ୍ୟ ସମାଧାନର ସୂତ୍ର ଖୋଜିପାଇନାହିଁ ।ତେଣୁ ଏକ ଆଧ୍ୟାତ୍ମିକ ଚେତନା ପାଖରେ ଆତ୍ମସମର୍ପଣ କରିଛି ।

'ମୁଁ କାନ୍ଦିଲି ଯେତେବେଳେ ସମୟର ଶବ୍ଦ ବାରି
ଜରା ମୃତ୍ୟୁ ବ୍ୟାଧି ପୁଣି ବ୍ୟାଧ ଆଉ ଘାତକର ଭୟ ।
ହେ ଅକ୍ରୂର ହେ ଉଦ୍ଧବ ସଖା ମୋର ପ୍ରାଣର ଦୋସର,
ରୁହ ରୁହ ଛିଡ଼ା ରୁହ ପିଠିରେ ମୋ ତୁମ ପରି ବୋଝ
ଆଜି ଯେବେ ରାଜ୍ୟ ଯାଏ ରାଜା ଯାଏ ଛାରଖାର ପ୍ରଜା ଓ ପାଟକ
ମୁଁ ତୁମର ଅନୁଗାମୀ ଆଦି ଅନ୍ତ କାହିଁ ବା ବାଟର ?  (ପୃ-୭୫/ ଗୁରୁପ୍ରସାଦ କବିତା )

# ‘ଅକ୍ରୂର ଉବାଚ’ରେ ଆଧ୍ୟାତ୍ମିକ ଉତ୍ତରଣ

ଅକ୍ରୂର ଥିଲା କଂସର ମନ୍ତ୍ରୀ । ପ୍ରାଚୁର୍ଯ୍ୟ ଓ ସମ୍ଭୋଗର ପାରାବାର ମଧ୍ୟରେ ସେ ବୁଡ଼ି ରହିଥିଲା ; କିନ୍ତୁ ତା’ର ଆତ୍ମପୁରୁଷ ସେଥିରେ ସନ୍ତୁଷ୍ଟ ନ ଥିଲା ।ଅକ୍ରୂର କିନ୍ତୁ ଥିଲା ସଂପୂର୍ଣ୍ଣ ଆତ୍ମସଚେତନ ବ୍ୟକ୍ତିତ୍ୱ । କୃଷ୍ଣ ଦର୍ଶନ ଲାଗି ତେଣୁ ତାଙ୍କ ଅନ୍ତରରେ ବ୍ୟାକୁଳତା ବହୁଗୁଣିତ ହୋଇ ଯାଇଥଇଲା । ସେ କଣ ସତରେ କୃଷ୍ଣଙ୍କୁ ଦେଖିପାରିବ ? ରାଜଭକ୍ତିର ବିରୋଧାଭାଷ ଭିତରେ ପ୍ରାପ୍ତି ଯେତେ ନିକଟରୁ ନିକଟତର ହେବାକୁ ଲାଗିଲା ଆଧ୍ୟାତ୍ମିକ ଉତ୍ତରଣ ଓ ବ୍ୟାକୁଳତାର ମୁକ୍ତି ସମ୍ଭାବନା ସେତେ କ୍ଷୀଣ ହେବାକୁ ଲାଗିଛି । ଏହି ଭଗବତୀୟ ମିଥ୍‌ର ଆଧୁନିକ କାବ୍ୟରୂପ ‘ଅକ୍ରୂର ଉବାଚ’ । ଏଠାରେ ଅକ୍ରୂର ନିଜେ କାବ୍ୟପୁରୁଷ । ଆପଣାର ଅନୁଭବକୁ ସେ ବଖାଣି ଯାଇଛନ୍ତି ସ୍ୱତଃପ୍ରବୃତ୍ତ ଭାବରେ । ସମାଜର ଅସହ୍ୟ ଯନ୍ତ୍ରଣାବୋଧରୁ ମୁକ୍ତିଲାଭ ପାଇଁ ସେ ଶରଣଭିକ୍ଷା କରୁଛି ଏକ ଅନାଗତ ଆଧିଭୌତିକ ଅଦୃଶ୍ୟ ଶକ୍ତି ନିକଟରେ, ମାତ୍ର ଆଶା ଓ ନୈରାଶ୍ୟର ତୀବ୍ର ଅର୍ନ୍ତଦ୍ୱନ୍ଦ୍ୱରୁ ଆଜିର ଏ ଅକ୍ରୂରର ମୁକ୍ତି କାହିଁ ?

ବହୁ ଦିନର ପ୍ରତୀକ୍ଷାରେ ଅକ୍ରୂରଙ୍କୁ ସୁଯୋଗ ମିଳିଥିଲା କୃଷ୍ଣ ଦର୍ଶନକୁ ଯିବା ପାଇଁ । ହୁଏ ତ ସେତେବେଳେ ତାଙ୍କର ଜୀବନର ସନ୍ଧ୍ୟା ଆଉ ଆଖିର ଜ୍ୟୋତି ହୋଇଯାଇଥିଲା ନିସ୍ତେଜ , ନିଷ୍ପ୍ରଭ ।  ଜୀବନରେ ଆସି ଦେଖାଦେଇଥିଲା ସୀମାହୀନ କ୍ଲାନ୍ତି । ଅକ୍ରୂରଙ୍କର ବୃଦ୍ଧ ଶରୀର ଅବଶ ହୋଇ ଆସୁଥିଲା । କୃଷ୍ଣଙ୍କୁ ଦର୍ଶନ କରିବାର ଯେଉଁ ମହତ୍ ଉଦ୍ଦେଶ୍ୟକୁ ସେ ଆରମ୍ଭ କରିଥିଲା ଏ ଅସରନ୍ତି ଯାତ୍ରା , ତାହା କ'ଣ କେବେ ଶେଷ ହେବ ? ସତେ କ'ଣ ସେ ପହଞ୍ଚିପାରିବ ତାର ଲକ୍ଷ୍ୟ ସ୍ଥଳରେ । କୃଷ୍ଣଙ୍କୁ ସାଥିରେ ଆଣିଲେ ହିଁ ଅକ୍ରୂରର ସାରଥିତ୍ୱରେ ସାର୍ଥକତା ।ସେହିପରି କାବ୍ୟପୁରୁଷର ସାର୍ଥକତା ତାର ଏଇ ସାମାଜିକ ହତାଶାବୋଧରୁ ମୁକ୍ତିରେ । ଆଧୁନିକ ଯୁଗର ନିରାଶା ଓ ଗ୍ଲାନିବୋଧ ସୃଷ୍ଟି କରିଛି କାରୁଣ୍ୟ ଓ ନିଷ୍ଠୁରତାର ବାତାବରଣ ତଥାପି କାବ୍ୟପୁରୁଷ ଚାହିଁଛି ମୁକ୍ତି । ସେ ମୁକ୍ତି ସ୍ୱୀୟ ସାଧନାରୁ ନୁହେଁ, ସଂଗ୍ରାମ ଓ ପ୍ରଯତ୍ନରୁ ନୁହେଁ ; ଅଧିକନ୍ତୁ ଆତ୍ମସମର୍ପଣରୁ ଈଶ୍ୱରଙ୍କ କ୍ଷମାରୁ ।

"କ୍ଷମା ଆଉ ତୁମର ସଂହାର/ଏ ଯୁଗର ଏ ଗ୍ଲାନିରେ ତୁମର ଯଦିବା ଏଠି ସମ୍ଭାବନା
ତଥାପି ଏ ଯାତ୍ରା ମୋର ଶୁଭ ହେଉ ପୂର୍ଣ୍ଣ ହେଉ ତୁମର କ୍ଷମାରେ
ଦେହର ସୀମାନ୍ତ ଡେଇଁ, ପାରି ହୋଇ କାରୁଣ୍ୟ ଓ ତୁମର ସଂହାର-" (ଅକ୍ରୂର ଉବାଚ /ପୃ-୮୧-ଗୁରୁପ୍ରସାଦ କବିତା)

ଯମୁନାର ବାଲିକୁଦରେ କିନ୍ତୁ ଅକ୍ରୁରର ସବୁକିଛି ସରିଯାଇ ନଥିଲା ; ଅଧିକନ୍ତୁ ସେଇଠାରୁ ଆରମ୍ଭ ହୋଇଥିଲା ତାଙ୍କର ଭଗବତ୍ ଦର୍ଶନ। ମୁକ୍ତି ପିପାସା ବହୁଗୁଣିତ ହୋଇଥିଲା । ନୈରାଶ୍ୟବାଦୀ କାବ୍ୟପୁରୁଷ ହୋଇ ଉଠିଛି ଆଶାବାଦୀ । ସାଂପ୍ରତିକ ସମାଜ ବ୍ୟବସ୍ଥା ବିରୁଦ୍ଧରେ ଅଣ୍ଟା ଭିଡ଼ି ସଂଗ୍ରାମ କରିବାର ଶକ୍ତି ତାର ନାହିଁ । ପରୋକ୍ଷରେ ସେ ଦେଖୁଛି କିଛି ଲାଭ ନାହିଁ ଏସବୁ ଉତ୍ତେଜନା ଉନ୍ମାଦନାରେ । ତେଣୁ ବିଷାଦବାଦର ଚରମସୀମାରେ ପହଞ୍ଚି ସେ କରିଛି ଆତ୍ମସମର୍ପଣ । କୃଷ୍ଣପ୍ରାପ୍ତି ଉଦ୍ଦେଶ୍ୟରେ ଆତ୍ମସମର୍ପଣ କରି କାବ୍ୟପୁରୁଷ ଅକ୍ରୁର ଚାହିଁଛି ମୁକ୍ତି ।ଏଠି ହୋଇଛି ତାଙ୍କର ଆଧ୍ୟାତ୍ମିକ ଉତ୍ତରଣ ।

"ମହାପ୍ରଭୁ ମୁକ୍ତି ଦିଅ- ଏହି ଯାତ୍ରା ଶୁଭ ହେଉ ତୁମର ଦୟାରୁ
ଏହି ଯାତ୍ରା ଶେଷ ହେଉ ମୋର ଶେଷଯାତ୍ରା ଏ ଦେହରୁ
ତୁମର ସଂହାର ଡେଇଁ
ବହୁତ ବହୁତ କ୍ଲାନ୍ତି,ପୁନରୁକ୍ତି ଏ ଆତ୍ମାର
ଆଉ ତୁମ ଦୟା କ୍ଷମା କରୁଣାର ସମୁଦ୍ର କୂଳରୁ ।" (ଅକ୍ରୁର ଉବାଚ /ପୃ-୮୨-ଗୁରୁପ୍ରସାଦ କବିତା)

ଅକ୍ରୁରଙ୍କର ଏହି ଯାତ୍ରାକୁ ଶେଷ ଯାତ୍ରା ହେଉ ଏବଂ ବିଧିର ଯାବତୀୟ ସୃଷ୍ଟି ଓ ସଂହାର କ୍ରିୟାତ୍ମକ ନିୟମ ଡ଼େଇଁ କ୍ଲାନ୍ତି ଓ ଜୀବନର ପୁନରୁକ୍ତିକୁ ଅତିକ୍ରମ କରି ସେ ଚାହାନ୍ତି ମୁକ୍ତି । ଏହା ହିଁ କବି ଗୁରୁପ୍ରସାଦଙ୍କ ସମର୍ପିତ ଆଧ୍ୟାତ୍ମିକ ଆତ୍ମଲିପି ।

# ଧନ୍ୟବାଦ